ସୂଚିତଯୋଗ୍ୟ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ
ଦେୱାନୀ ଆବେଦନ କ୍ଷେତ୍ରାଧିକାର
ଦେୱାନୀ ଆବେଦନ ସଂଖ୍ୟା ୮୧୫୧/୨୦୧୪
(ଏସଏଲପି (ସି) ସଂଖ୍ୟା ୮୨୨/୨୦୧୩ ରୁ ଉତ୍ପନ୍ନ)

ମେସର୍ସ ପାରାଦୀପ ଫୋସ୍ଫେଟ୍ ଲିମିଟେଡ୍ ........ ଆବେଦନକାରୀ

ବନାମ

ପାରାଦୀପ ଫୋସ୍ଫେଟ୍ ମଜଦୂର ସଂଘ ଏବଂ ଅନ୍ୟମାନେ ........ ଉତ୍ତରଦାତାମାନେ

ସହିତ

ଦେୱାନୀ ଆବେଦନ ସଂଖ୍ୟା ୮୧୫୨/୨୦୧୪
(@)ଏସ.ଏଲ.ପି.(ସି) ସଂଖ୍ୟା ୨୩୦୮୮/୨୦୧୪ @ ଏସଏଲପି (ସି) ସି ସି ସଂଖ୍ୟା ୪୬୨୭/୨୦୧୩)

ରାୟ

ସୁଧାଂଶୁ ଜ୍ୟୋତି ମୁଖୋପାଧ୍ୟାୟ, ନ୍ୟାୟମୂର୍ତ୍ତି

ବିଳମ୍ବକୁ କ୍ଷମା କରାଗଲା । ଅନୁମତି ପ୍ରଦାନ କରାଗଲା ।

୨. କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ତା ୧୭ ସେପ୍ଟେମ୍ବର, ୨୦୧୨ ରିଖର ଆକ୍ଷେପିତ ରାୟ ଦ୍ୱାରା ଉତ୍ତରଦାତାମାନଙ୍କ ଦ୍ୱାରା ଆଗତ କରା ଯାଇଥିବା ରିଟ୍ ଆବେଦନକୁ ଓ.ଜେ.ସି.ସଂଖ୍ୟା ୭୪୬୪/୨୦୦୦ ରେ ଅନୁମତି ପ୍ରଦାନ କରିଥିଲେ ଏବଂ ଡିଏପି ପ୍ଲାଣ୍ଟରେ ଦାନା ପରିଷ୍କାର, ଶୁଷ୍କ ବିଭାଗ, ଦହନ ପ୍ରକୋଷ୍ଠରେ ସଫେଇ ଆଦି କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୮ ଅପ୍ରିଲ, ୨୦୦୦ ମସିହାରେ ଜାରି କରାଯାଇଥିବା ଚୁକ୍ତିଭିତ୍ତିକ ଶ୍ରମ ଉଚ୍ଛେଦ ଅଧିସୂଚନା ଲାଗୁ କରିବା ଲାଗି ଆବେଦନକାରୀଙ୍କୁ

ନିର୍ଦ୍ଦେଶ ଦେଇଥିଲେ । ଦୁଇଜଣିଆ ଖଣ୍ଡପୀଠ ଆବେଦନକାରୀଙ୍କୁ ଡିଏପି ପ୍ଲାଣ୍ଟରେ ନିୟୋଜିତ ଶ୍ରମିକମାନଙ୍କୁ ନିୟମିତ କରିବାକୁ ଅତିରିକ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ଉପରୋକ୍ତ ରାୟକୁ ଆବେଦନକାରୀଙ୍କ ଦ୍ୱାରା ଆଗତ ଏକ ସମୀକ୍ଷା ଆବେଦନ ମାଧ୍ୟମରେ ଆପତ୍ତି କରାଯାଇଥିଲା । ଏହାକୁ ୨୦ ଡିସେମ୍ବର, ୨୦୧୨ ମସିହାରେ ଆକ୍ଷେପିତ ଆଦେଶ ଦ୍ୱାରା ଶୁଣା ଯାଇଥିଲା ଏବଂ ନିକାଶ କରାଯାଇଥିଲା ଯେଉଁଥିରେ ୧୭ ସେପ୍ଟେମ୍ବର, ୨୦୧୨ ମସିହାର ରାୟକୁ ଏହି ପର୍ଯ୍ୟନ୍ତ ସଂଶୋଧନ କରାଯାଇଥିଲା ଯେ ଯେଉଁମାନେ ଡିଏପି ପ୍ଲାଣ୍ଟର ଦାନା ପରିଷ୍କାର, ଶୁଷ୍କ ବିଭାଗ, ଦହନ ପ୍ରକୋଷ୍ଠ ସଫେଇ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନଙ୍କୁ ନିୟମିତ କରିବାପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା କିନ୍ତୁ ସମସ୍ତ ଶ୍ରମିକମାନଙ୍କ ପାଇଁ ନୁହେଁ । ସମୀକ୍ଷା ଆବେଦନ ଏବଂ ରିଟ୍ ଆବେଦନରେ ପାରିତ ହୋଇଥିବା ଉପରୋକ୍ତ ରାୟ ଏବଂ ଆଦେଶକୁ ଏହି ଅବେଦନଗୁଡିକରେ ଆପତ୍ତି କରାଯାଇଛି ।

୩. ମାମଲାର ତଥ୍ୟ ମୂଳକ ଛାଞ୍ଚ ନିମ୍ନରେ ଦିଆଗଲା:

ଓ.ଜେ.ସି. ସଂଖ୍ୟା ୭୪୬୪/୨୦୦୦ ଭାବରେ ଉତ୍ତରଦାତା ପାରାଦୀପ ଫସଫେଟ୍ସ ମଜଦୁର ସଂଘ ଏବଂ ଅନ୍ୟମାନେ (ଏହାପରେ "ଶ୍ରମିକ ସଂଘ" ଭାବେ ସୂଚିତ କରାଯାଇଛି) ଡିଏପି ପ୍ଲାଣ୍ଟରେ ଦାନା ପରିଷ୍କାର, ଶୁଷ୍କ ବିଭାଗ, ଦହନ ପ୍ରକୋଷ୍ଠ ସଫେଇ କାର୍ଯ୍ୟରେ ନିୟୋଜିତ ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ ଉଚ୍ଛେଦ ପୂର୍ବକ ରାଜ୍ୟ ସରକାରଙ୍କ ଦ୍ୱାରା ୨୮ ଏପ୍ରିଲ, ୨୦୦୦ ମସିହାରେ ଜାରି ହୋଇଥିବା ଅଧିସୂଚନାକୁ କାର୍ଯ୍ୟକାରୀ କରିବାକୁ ପ୍ରାର୍ଥନା କରି ଏକ ରିଟ୍ ଆବେଦନକୁ ଆଗତ କରିଥିଲେ । ଉତ୍ତରଦାତାମାନେ ଯୁକ୍ତି କରିଥିଲେ ଯେ ଏଥିରେ ନାମିତ ଶ୍ରମିକମାନେ ଆବେଦନକାରୀ- ମେସର୍ସ ପାରାଦୀପ ଫସଫେଟ୍ ଲିମିଟେଡ୍ (ଏହା ପରେ "କମ୍ପାନୀ" ଭାବରେ ସୂଚିତ) ଯେଉଁମାନେ ଡିଏପି ପ୍ଲାଣ୍ଟରେ ୧୪ ବର୍ଷରୁ ଅଧିକ ସମୟଧରି ନିରବଚ୍ଛିନ୍ନ ଭାବରେ ଚାକିରିରେ କୌଣସି ବିରତି ବିନା କାର୍ଯ୍ୟ କରୁଥିଲେ । ସମୟ ସମୟରେ

ଏହି ଉଦ୍ଦେଶ୍ୟରେ ଠିକାଦାରମାନଙ୍କ ଦ୍ୱାରା ସେମାନଙ୍କୁ ନିଯୁକ୍ତ କରାଯାଇଥିଲା । ଠିକାଦାରମାନେ ପରିବର୍ତ୍ତନ ହୋଇ ଯାଉଥିଲେ କିନ୍ତୁ କର୍ମଚାରୀମାନେ ଠିକାଦାରମାନଙ୍କ ପରିବର୍ତ୍ତନ ସତ୍ତ୍ୱେ ସେମାନଙ୍କ କାର୍ଯ୍ୟ ଜାରି ରଖିଥିଲେ । ଇତି ମଧ୍ୟରେ, ସେହି ଶ୍ରମିକମାନେ ଏହି ନିର୍ଦ୍ଦିଷ୍ଟ ପ୍ରତିଷ୍ଠାନରେ ୧୫ ବର୍ଷର ସେବା ସମାପ୍ତ କରିଥିଲେ । ଏହା ଦାଖଲ କରାଯାଇଥିଲା ଯେ, ଶ୍ରମିକ ସଂଘ ଏହି କମ୍ପାନୀର ବିଭିନ୍ନ ପ୍ରତିଷ୍ଠାନରେ ନିୟୋଜିତ ଏହିପରି ବ୍ୟକ୍ତି ଏବଂ ଅନ୍ୟାନ୍ୟ ଶ୍ରମିକଙ୍କ ଭାଗ୍ୟକୁ ବିଚାର କରି ବିଭିନ୍ନ କମ୍ପାନୀର ପ୍ରତିଷ୍ଠାନଗୁଡିକର ଉଦାହରଣ ମାଧ୍ୟମରେ ଚୁକ୍ତି ନିଷେଧ କରିବା ଏବଂ ଚୁକ୍ତି ଶ୍ରମ (ନିୟମ ଏବଂ ଉଚ୍ଛେଦ) ଅଧିନିୟମ, ୧୯୭୦ ର ଧାରା ୧୦ (୧) ଅନୁଯାୟୀ ଏହିପରି କର୍ମଚାରୀଙ୍କୁ ନିୟମିତକରଣ ପାଇଁ ଏହି ପ୍ରସଙ୍ଗ ଉଠାଇଥିଲା । ବହୁ ବିଚାରବିମର୍ଶ ଏବଂ କମ୍ପାନୀର ସକ୍ରିୟ ଅଂଶଗ୍ରହଣ ପରେ, କମ୍ପାନୀର ୧୬ଟି କ୍ଷେତ୍ରରେ ଚୁକ୍ତିଭିତ୍ତିକ ଶ୍ରମ ବ୍ୟବସ୍ଥାକୁ ନିଷିଦ୍ଧ କରିବା ପାଇଁ ରାଜ୍ୟ ପରାମର୍ଶଦାତା, ଚୁକ୍ତିଭିତ୍ତିକ ଶ୍ରମ ମଣ୍ଡଳୀ ଦ୍ୱାରା ୩ ଜୁନ, ୧୯୯୯ ଏବଂ ୧୦ ଜୁନ, ୧୯୯୯ ମସିହାରେ ଅନୁଷ୍ଠିତ ୨୧ ତମ ବୈଠକରେ ନିଷ୍ପତ୍ତି ନିଆଯାଇଛି ଏବଂ ସେହି ଅନୁଯାୟୀ ରାଜ୍ୟ ପରାମର୍ଶଦାତା ମଣ୍ଡଳୀ ଦ୍ୱାରା ଏହାର ସୁପାରିଶ କରାଯାଇଥିଲା ।

୪. ଇତି ମଧ୍ୟରେ, ଓଡ଼ିଶା ସରକାର ନିଜର ଶ୍ରମ ଏବଂ ନିଯୁକ୍ତି ବିଭାଗ ଜରିଆରେ ୨୮ ଏପ୍ରିଲ, ୨୦୦୦ ମସିହାରେ ଏକ ଅଧିସୂଚନା ଜାରି ଦ୍ୱାରା ବିଶେଷ କରି ଡିଏପି ପ୍ଲାଣ୍ଟରେ–ଦାନା ସଫେଇ, ଶୁଷ୍କ ବିଭାଗ, ଦହନ ପ୍ରକୋଷ୍ଠ ସଫେଇ ଆଦି କାର୍ଯ୍ୟର ଚୁକ୍ତିଭିତ୍ତିକ ଶ୍ରମିକ ନିଯୁକ୍ତି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଶ୍ରମିକ ସଂଘ ତରଫରୁ ଏହା ଉପସ୍ଥାପିତ ହୋଇଥିଲା ଯେ ଥରେ ନିର୍ଦ୍ଦିଷ୍ଟ ପ୍ରତିଷ୍ଠାନରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କୁ ନିୟୋଜିତ କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଷେଧାଜ୍ଞା ଜାରି ହେବା ପରେ ପ୍ରତିଷ୍ଠାନ ପାଖରେ ଏକମାତ୍ର ବିକଳ୍ପ ରହିଛି ଯାହା ସିଧାସଳଖ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଦିଷ୍ଟ ପ୍ରତିଷ୍ଠାନର ନିୟମିତ କର୍ମଚାରୀ ଭାବରେ ବ୍ୟବହାର କରିବେ ଏବଂ ଠିକାଦାର ଏବଂ ଚୁକ୍ତିଭିତ୍ତିକ ଶ୍ରମିକଙ୍କ ମଧ୍ୟରେ

ଥିବା ସମ୍ପର୍କ ଉକ୍ତ ମୁହୂର୍ତ୍ତରୁ ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇଯାଏ, ଯେତେବେଳେ ଏକ ନିର୍ଦ୍ଦିଷ୍ଟ ପ୍ରତିଷ୍ଠାନର ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଚୁକ୍ତିଭିତ୍ତିକ ଶ୍ରମିକଙ୍କ ନିଯୁକ୍ତିକୁ ନିଷେଧ କରୁଥିବାର ଏକ ଆଦେଶ ଥାଏ । ତେଣୁ, ଏହା ଯୁକ୍ତି କରାଯାଇଥିଲା ଯେ ପରିଚାଳନା ପାଇଁ ଏକମାତ୍ର ରାସ୍ତା ଖୋଲା ରହିଛି, ଯେଉଁ କର୍ମଚାରୀମାନେ ଠିକାଦାରଙ୍କ ଅଧୀନରେ ଏହି ପ୍ରତିଷ୍ଠାନରେ କାର୍ଯ୍ୟକରୁଛନ୍ତି, ସେମାନଙ୍କୁ ନିୟମିତ କରିବା ।

୫. ଏହା ଉଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଅଣାଯାଇଥିଲା ଯେ ପୂର୍ବରୁ ଓ.ଜେ.ସି. ସଂଖ୍ୟା ୨୭୫୧/୨୦୦୦ ନାମରେ ଅନ୍ୟ ଏକ ରିଟ୍ ଆବେଦନ ଦାଖଲ ହୋଇଥିଲା ଯାହାକୁ ୨୪ ଜୁନ, ୨୦୦୩ ମସିହାରେ ନିକାଶ କରାଯାଇଥିଲା ଯେଉଁଠାରେ ପକ୍ଷମାନେ ସମାନ ଥିଲେ ଉକ୍ତ ରିଟ୍ ଆବେଦନକୁ ନିମ୍ନୋକ୍ତ ମନ୍ତବ୍ୟ ସହିତ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିକାଶ କରାଯାଇଥିଲା :

> *"୭. ଏଥିରେ କୌଣସି ବିବାଦ ନାହିଁ ଯେ ରାଜ୍ୟ ଚୁକ୍ତିଭିତ୍ତିକ ଶ୍ରମ ମଣ୍ଡଳୀ ପରାମର୍ଶଦାତା ପାରାଦୀପ ଫସଫେଟ୍ସ ଲିମିଟେଡର ଷୋହଳଟି କ୍ଷେତ୍ରରେ ଚୁକ୍ତିଭିତ୍ତିକ ଶ୍ରମ ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲେ, କିନ୍ତୁ ତା ୨୮.୦୪.୨୦୦୦ ରିଖର ସରକାରୀ ଅଧିସୂଚନା ରେ କେବଳ ଗୋଟିଏ କ୍ଷେତ୍ର ଉଲ୍ଲେଖ କରାଯାଇଛି । ପୂର୍ବ ଉଦ୍ଧୃତ ମନ୍ତ୍ରୀଙ୍କ ଟିପ୍ପଣୀ ଏବଂ ଆଦେଶ ପଢ଼ିବା ପରେ, ଆମେ ଏହା ମାନିନେଇଛୁ ଯେ ସରକାର ଏହି ସୁପାରିଶକୁ ସମ୍ପୂର୍ଣ୍ଣ ଭାବରେ ବିଚାର କରିନାହାଁନ୍ତି । ତେଣୁ ନ୍ୟାୟଦୃଷ୍ଟିରୁ ଏହି ପ୍ରସଙ୍ଗରେ ପୁନର୍ବିଚାରର ଆବଶ୍ୟକତା ରହିଛି ।*
>
> *୮. ଉପରୋକ୍ତ କାରଣଗୁଡିକ ପାଇଁ, ଆମେ ରାଜ୍ୟ ସରକାରଙ୍କୁ (ପ୍ରତିବାଦୀ ସଂଖ୍ୟା ୧) ନିର୍ଦ୍ଦେଶ ଦେଉଛୁ ଯେ ରାଜ୍ୟ ଚୁକ୍ତି ଶ୍ରମ ମଣ୍ଡଳୀର ପରାମର୍ଶଦାତାଙ୍କ ସୁପାରିଶ ଉପରେ ପୁନର୍ବିଚାର କରି ଛାଡି ଯାଇଥିବା ଅନ୍ୟ ୧୫ ଟି କ୍ଷେତ୍ର ପାଇଁ ଚୁକ୍ତି ଶ୍ରମ ଉଚ୍ଛେଦ ନେଇ ଏହି ଆଦେଶ ପାଇବାର ଚାରି ମାସ ମଧ୍ୟରେ ଆଇନ ଅନୁଯାୟୀ ଉଚିତ ନିଷ୍ପତ୍ତି ନିଅନ୍ତୁ ।"*

୬. ଉପରୋକ୍ତ ନିର୍ଦ୍ଦେଶ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ପରେ ଉପରୋକ୍ତ ରିଟ୍ ଆବେଦନ ଓ.ଜେ.ସି. ସଂଖ୍ୟା ୭୪୬୪/୨୦୦୦ ନାମରେ ଉପରୋକ୍ତ ପ୍ରାର୍ଥନା ସହିତ ଆଗତ କରାଯାଇଥିଲା । ଉକ୍ତ ମାମଲାରେ କମ୍ପାନୀ ହାଜର ହୋଇଥିଲେ ଏବଂ ଏକ ପାଲଟା ସତ୍ୟପାଠ ଦାଖଲ କରି ଆଳ ଦେଖାଇଥିଲେ ଯେ ରାଜ୍ୟ ସରକାର ଏହି ଅଧିନିୟମ ଉଦ୍ଦେଶ୍ୟରେ ଉପଯୁକ୍ତ ସରକାର ନୁହଁନ୍ତି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଅଧିସୂଚନା କମ୍ପାନୀ ଉପରେ ବାଧ୍ୟତାମୂଳକ ନୁହେଁ ଏବଂ ଚୁକ୍ତିଭିତ୍ତିକ ଶ୍ରମ ଉଚ୍ଛେଦ ପାଇଁ ଆଦେଶ ଦେଇନାହିଁ ।

୭. ଉଚ୍ଚ ନ୍ୟାୟାଳୟ ମତବ୍ୟକ୍ତ କରିବା ସମୟରେ କହିଥିଲେ ଯେ କମ୍ପାନୀ ନିଜର ଆଭିମୁଖ୍ୟକୁ ପ୍ରମାଣିତ କରିବାରେ ବିଫଳ ହୋଇ କହିଥିଲେ ଯେ ଏହି ଅଙ୍ଗୀକାର କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟନ୍ତ୍ରଣ ହେଉଛି ଯାହା ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ ଏବଂ ଅନ୍ୟମାନେ ବନାମ ନ୍ୟାସନାଲ ୟୁନିୟନ ୱାଟର ଫ୍ରଣ୍ଟ ୱାରକର୍ସ ଏବଂ ଅନ୍ୟମାନେ, ଏଆଇଆର ୨୦୦୧ ଏସସି ୩୫୨୭ ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଉଲ୍ଲେଖ କରାଯାଇଛି ଏବଂ କୁହାଯାଇଛି ଯେ ଏହି ମାମଲା ପାଇଁ କେନ୍ଦ୍ର ସରକାର ଉପଯୁକ୍ତ ସରକାର ନୁହଁନ୍ତି । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ ପୂର୍ବ ରିଟ୍ ଆବେଦନର ଶୁଣାଣି ସମୟରେ ଏହି ଆଳ ନିଆଯାଇ ନଥିଲା ।

୮. ଉଚ୍ଚ ନ୍ୟାୟାଳୟରେ ଆବେଦନକାରୀ ଏବଂ ପ୍ରତିବାଦୀ ଉତ୍ତରଦାତାମାନଙ୍କ ଦ୍ୱାରା ନିଆଯାଇଥିବା ସମାନ ଆଳମାନ ଏହି ନ୍ୟାୟାଳୟ ସମ୍ମୁଖରେ ନିଆଯାଇଛି ।

୯. ନଥିରୁ ଆମେ ଜାଣିବାକୁ ପାଇଲୁ ଯେ ଯେତେବେଳେ ରିଟ୍ ଆବେଦନର ଓ.ଜେ.ସି. ସଂଖ୍ୟା ୨୭୫୧/୨୦୦୦କୁ ୨୪ ଜୁନ, ୨୦୦୩ ମସିହାର ରାୟ ଦ୍ୱାରା ନିକାଶ ହୋଇଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ ଯେ ଏହା ଦ୍ୱାରା

ବାଦ୍ ପଡ଼ିଥିବା ଅନ୍ୟ ୧୫ଟି କ୍ଷେତ୍ରରେ ଚୁକ୍ତିଭିତ୍ତିକ ଶ୍ରମ ଉଚ୍ଛେଦ ସଂକ୍ରାନ୍ତରେ ରାଜ୍ୟ ଚୁକ୍ତିଭିତ୍ତିକ ଶ୍ରମ ମଣ୍ଡଳୀ ପରାମର୍ଶଦାତାଙ୍କ ସୁପାରିଶ ଉପରେ ବିଚାର କରିବା ଏବଂ ଆଇନ ଅନୁଯାୟୀ ଉପଯୁକ୍ତ ନିଷ୍ପତ୍ତି ନେବା, ଯଦିଓ କମ୍ପାନୀ ଉକ୍ତ ରିଟ୍ ଆବେଦନରେ ପକ୍ଷଭୁକ୍ତ ଥିଲା, କିନ୍ତୁ ଏପରି କୌଣସି ଆଳ ନିଆଯାଇ ନଥିଲା ଏବଂ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଚୂଡ଼ାନ୍ତ ସ୍ଥିତିରେ ପହଞ୍ଚିଥିଲା ।

୧୦. ଡବ୍ଲୁ.ପି (ସି) ସଂଖ୍ୟା ୧୩୭୯୧/୨୦୦୫ ନାମରେ ଅନ୍ୟ ଏକ ରିଟ୍ ଆବେଦନକୁ ୫ ଜୁଲାଇ,୨୦୧୨ ମସିହାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିକାଶ କରାଯାଇଥିଲା । ଉକ୍ତ ମାମଲାରେ ରାଜ୍ୟ ଚୁକ୍ତିଭିତ୍ତିକ ଶ୍ରମ ମଣ୍ଡଳୀ ପରାମର୍ଶଦାତାଙ୍କ ସୁପାରିସକୁ କାର୍ଯ୍ୟକାରି କରିବା ସଂକ୍ରାନ୍ତରେ ସମାନ ପ୍ରଶ୍ନର ବିଚାର କରାଯାଇଥିଲା । ଉକ୍ତ ମାମଲାରେ ମଧ୍ୟ ଆବେଦନକାରୀ–କମ୍ପାନୀ ରାଜ୍ୟସରକାର ଉପଯୁକ୍ତ ସରକାର ନୁହଁନ୍ତି ବୋଲି କୌଣସି ଯୁକ୍ତି କିମ୍ବା ପ୍ରଶ୍ନ ଉଠାଇନଥିଲେ । ଉକ୍ତ ରିଟ୍ ଆବେଦନକୁ ୫ ଜୁଲାଇ, ୨୦୧୨ ମସିହାରେ ଉଚ୍ଚ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରା ନିକାଶ କରାଯାଇ ଥିଲା ।

୧୧. ଆମର ମତ ହେଉଛି ଯେ ଯେହେତୁ ଉପରୋକ୍ତ ରିଟ୍ ଆବେଦନର ପୂର୍ବ ନ୍ୟାୟ ଚୂଡ଼ାନ୍ତ ସ୍ଥିତିରେ ପହଞ୍ଚିଛି, ସେହି ସମାନ ପକ୍ଷଙ୍କ ମଧ୍ୟରେ ଅନ୍ୟ ଏକ ରିଟ ଆବେଦନରେ ଏହି ପ୍ରଶ୍ନ ପୁନର୍ବାର ଉଠାଯିବ ନାହିଁ କାରଣ ପ୍ରଶ୍ନଟି ପୂର୍ବ ନ୍ୟାୟର ନୀତି ଦ୍ୱାରା ପ୍ରଭାବିତ ହେବ ।

୧୨. ବର୍ତ୍ତମାନ ଡିଏପି ପ୍ଲାଣ୍ଟରେ ଦାନା ସଫେଇ, ଶୁଷ୍କ ବିଭାଗ, ଦହନ ପ୍ରକୋଷ୍ଠ ସଫେଇ ଇତ୍ୟାଦି କାର୍ଯ୍ୟରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ପାଇଁ ଥରେ ୨୮ ଅପ୍ରିଲ ୨୦୦୦ ମସିହାରେ ଚୁକ୍ତିଭିତ୍ତିକ ଶ୍ରମ ଉଚ୍ଛେଦ ଅଧିସୂଚନା ଜାରି କରାଯାଇଥିଲା, ଏହାକୁ କାର୍ଯ୍ୟକାରି କରିବା କମ୍ପାନୀର ଉଚ୍ଚପଦସ୍ଥ ଅଧିକାରୀମାନଙ୍କର ଦାୟିତ୍ୱ ଥିଲା । ଯେହେତୁ ଏହାକୁ କାର୍ଯ୍ୟକାରି

କରାଯାଇନଥିଲା, ଉଚ୍ଚ ନ୍ୟାୟାଳୟ ଏହାକୁ କାର୍ଯ୍ୟକାରି କରିବାକୁ ସଠିକ୍ ନିର୍ଦ୍ଦେଶ ଦେଇଥିଲେ ।

୧୩. ଉପରୋକ୍ତ ତଥ୍ୟକୁ ଦୃଷ୍ଟିରେ ରଖି, ଯଦିଓ ଆମେ ବର୍ତ୍ତମାନର ମାମଲାରେ ଉପଯୁକ୍ତ ସରକାରର ପ୍ରଶ୍ନର ଉତ୍ତର ଦେବାକୁ ଆଗ୍ରହି ନୋହୁଁ, ଏହାକୁ ଉପଯୁକ୍ତ ମାମଲାରେ ନିର୍ଣ୍ଣୟ ପାଇଁ ଖୋଲା ରଖାଗଲା | ଆମେ ଆକ୍ଷେପିତ ରାୟ ଏବଂ ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ପାଇନାହୁଁ ଯାହା ଦ୍ୱାରା ଉଚ୍ଚ ନ୍ୟାୟାଳୟ ଆବେଦନକାରୀଙ୍କୁ ଚୁକ୍ତିଭିତ୍ତିକ ଶ୍ରମ ଉଚ୍ଛେଦ ଅଧିସୂଚନା କାର୍ଯ୍ୟକାରି କରିବାକୁ ଏବଂ ଶ୍ରମିକଙ୍କ ସେବାକୁ ନିୟମିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

୧୪. ଆମେ ଏହି ଆବେଦନଗୁଡ଼ିକରେ କୌଣସି ଯୋଗ୍ୟତା ପାଇନାହୁଁ, ସେହି ଅନୁଯାୟୀ ସେଗୁଡ଼ିକୁ ଖାରଜ କରାଗଲା ।

................. ନ୍ୟାୟମୂର୍ତ୍ତି
(ସୁଧାଂଶୁ ଜ୍ୟୋତି ମୁଖୋପାଧ୍ୟାୟ)

................. ନ୍ୟାୟମୂର୍ତ୍ତି
(ଏସ୍.ଏ.ବୋବଡେ)

ନୂଆ ଦିଲ୍ଲୀ;
ଅଗଷ୍ଟ ୨୬, ୨୦୧୪.

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**TRANSLATED BY:**
*Shri Jatadhari Sethi*
Translator, High Court of Orissa, Cuttack.